## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୧୧୮ / ସୂ.ଲୋ.ସ., ତା. ୨୫/୦୧/୨୦୧୯

e-mail- dkl.dipro@gmail.com

ଦୂରଭାଷ- (୦୬୭୬୨)-୨୨୬୪୧୪


# ଢେଙ୍କାନାଳ ଜିଲ୍ଲା ସଦର ମହାକୁମାରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ

### *ଢେଙ୍କାନାଳ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜାମଣ୍ଡଳର ସ୍ୱାଧୀନତା ଆନ୍ଦୋଳନରେ ଏକ ବିଶେଷ ଗୁରୁତ୍ୱ ରହିଛି : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତି ।*

ଢେଙ୍କାନାଳ, ତା.୨୬.୦୧.୨୦୧୯ରିଖ:- ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରେ ୭୦ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଓଡ଼ିଶାର ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି ଢେଙ୍କାନାଳ ଷ୍ଟାଡ଼ିୟମ୍‌ଠାରେ ସକାଳ ୮ଘଣ୍ଟା ୩୦ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନକରି ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ ।

ମନ୍ତ୍ରୀ ଶ୍ରୀଯୁକ୍ତ ମହାନ୍ତି ତାଙ୍କ ଭାଷଣରେ କହିଥିଲେ ଯେ, ଢେଙ୍କାନାଳ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜାମଣ୍ଡଳର ସ୍ୱାଧୀନତା ଆନ୍ଦୋଳନରେ ଏକ ବିଶେଷ ଗୁରୁତ୍ୱ ରହିଛି । ୧୯୫୦ମସିହାରେ ଆମ ଦେଶର ସମ୍ବିଧାନ କାର୍ଯ୍ୟକାରୀ ହେବାସହ ଭାରତବର୍ଷ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାର୍ବଭୌମ ସାଧାରଣତନ୍ତ୍ରର ମାନ୍ୟତା ଲାଭ କରିଥିଲା । ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମନିରପେକ୍ଷତା, ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବ ଅଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଆମ ସମ୍ବିଧାନର ବିଶେଷତ୍ୱ ବୋଲି ସେ କହିଥିଲେ । ସମ୍ବିଧାନ ସଭାର ଅଧ୍ୟକ୍ଷ ଡ଼ଃ ଭୀମରାଓ ଆମ୍ବେଦକର ଓ ଅନ୍ୟ ସମସ୍ତ ସଦସ୍ୟ ଓ ସଦସ୍ୟାମାନଙ୍କ ଉଦ୍ଦେଶ୍ୟରେ ସେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶରେ ସର୍ବକନିଷ୍ଠ ଶହୀଦ ବାଜି ରାଉତ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ମହେଶଚନ୍ଦ୍ର ସୁବାହୁସିଂ, ମୁଷା ମଲ୍ଲିକ ଓ ବୀର ବୈଷ୍ଣବ ଚରଣ ପଟ୍ଟନାୟକ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ଢେଙ୍କାନାଳ ଜିଲ୍ଲାକୁ ଗୌରବାନ୍ୱିତ କରୁଛି ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ମହାନ୍ତି ପ୍ରକାଶ କରିଥିଲେ । ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ଯଥା:- ଆମ ଗାଁ ଆମ ବିକାଶ, ପିଠା, କାଳିଆ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ସହରାଞ୍ଚଳ ବିକାଶ ଯୋଜନା, ଉନ୍ନତି, ଆହାର, ଏଲ୍‌ଇଡ଼ି ଲାଇଟ୍ ଇତ୍ୟାଦିର କାର୍ଯ୍ୟକାରୀତା ସଂପ୍ରତି ରାଜ୍ୟବାସୀଙ୍କର ସର୍ବାଙ୍ଗୀନ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ବୋଲି ସେ କହିଥିଲେ ।

ଢେଙ୍କାନାଳ ମୁଖ୍ୟ ଷ୍ଟାଡ଼ିୟମ୍‌ଠାରେ ଅନୁଷ୍ଠିତ ୭୦ତମ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ମୋଟ ୪୧ଟି ଦଳ ଅଂଶ ଗ୍ରହଣ କରିଥିଲେ । ରିଜର୍ଭ ଇନ୍‌ସ୍‌ପେକ୍‌ଟର ଶ୍ରୀ ବିବେକାନନ୍ଦ ବାଗେ ପ୍ୟାରେଡ୍ ପରିଚାଳନା କରିଥିଲେ । ତାଙ୍କୁ ଡ଼ିଏସ୍‌ଆଇ ଶ୍ରୀ ରମେଶ ଚନ୍ଦ୍ର ନାଏକ, ଡେପୁଟି ସୁବେଦାର ଶ୍ରୀ ନିମାଇ ଚରଣ ସାହୁ ଓ ଡ଼ିଏସ୍‌ଆଇ ଶ୍ରୀ ବସନ୍ତ କୁମାର ନାଏକ ସହଯୋଗ କରିଥିଲେ । ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ଶ୍ରେଷ୍ଠ ଏନ୍‌ସିସି ଦଳଭାବେ ଢେଙ୍କାନାଳ ମହାବିଦ୍ୟାଳୟ ବାଳିକା ସିନିୟର ଡ଼ିଭିଜନ ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ବାହିନୀଭାବେ ମୁଖ୍ୟମନ୍ତ୍ରୀ ରନିଂ ସିଲ୍‌ଡ ଲାଭ କରିଥିଲେ । ଶ୍ରେଷ୍ଠ ବେସାମରିକ ବାଳିକା ଦଳଭାବେ ଆନନ୍ଦମାର୍ଗ ସ୍କୁଲ ଜିଲ୍ଲା ପ୍ରଶାସନ ରନିଂ ସିଲ୍‌ଡ ଏବଂ ଶ୍ରେଷ୍ଠ ବେସାମରିକ ବାଳକଦଳ ଭାବେ ମଣ୍ଟଫୋର୍ଟ ସ୍କୁଲ ସିଭିଲିୟାନ ବାଳକ ବୈଜ୍ଞାନିକ ଡ଼ଃ ଦାଶରଥି ମିଶ୍ର ରନିଂ ସିଲ୍‌ଡ ଲାଭକରିଥିଲେ । ଶ୍ରେଷ୍ଠ ସ୍କାଉଟ୍ ଦଳଭାବେ ସରସ୍ୱତୀ ଶିଶୁ

ମନ୍ଦିର (ବାଳକ) ସ୍କାଉଟ୍ ଦଳ ଶ୍ରୀ ରୁଦ୍ରନାରାୟଣ ମିଶ୍ର ସ୍ମାରକୀ ରନିଂ ସିଲଡ୍ ଲାଭ କରିଥିଲେ । ପ୍ୟାରେଡ୍ ମାର୍ଚ୍ଚପାଷ୍ଟ ପରେ ବିଭିନ୍ନ ୮ (ଆଠ) ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଅହମଦାବାଦର ସାଇନ୍ସ ସିଟିଠାରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଅଂଶଗ୍ରହଣ କରି ପରିବେଶ ସନ୍ତୁଳନ ସଂପର୍କୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିବା ବି.ବି. ହାଇସ୍କୁଲର ଛାତ୍ରୀ ଅର୍ପିତା ବରାଳ, ନିକିତା ବରାଳ, ଶିକ୍ଷକ ଡ଼ଃ ଦେବୀପ୍ରସାଦ ମିଶ୍ରଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଥିଲା । ଜିଲ୍ଲାର ଶ୍ରେଷ୍ଠ ଗ୍ରାମପଞ୍ଚାୟତ ଭାବେ ଭୁବନ ବ୍ଲକ୍‌ର ଗଡ଼ନୃସିଂହ ପ୍ରସାଦ, ସଦର ବ୍ଲକ୍‌ର କାକୁଡ଼ିଭାଗ, ଗନ୍ଦିଆ ବ୍ଲକ୍‌ର କରମୂଳ, ହିନ୍ଦୋଳ ବ୍ଲକ୍‌ର କୁକୁଟା, କାମାକ୍ଷାନଗର ବ୍ଲକ୍‌ର କୋଟତାରା, କଙ୍କଡ଼ାହାଡ଼ ବ୍ଲକ୍‌ର କେରଜୋଳି, ଓଡ଼ାପଡ଼ା ବ୍ଲକ୍‌ର ବଳରାମ ପ୍ରସାଦ ଓ ପରଜଙ୍ଗ ବ୍ଲକ୍‌ର ପରଜଙ୍ଗ ଗ୍ରାମପଞ୍ଚାୟତଗୁଡ଼ିକୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ମାନିତ କରିଥିଲେ । ରକ୍ତଦାନ କ୍ଷେତ୍ରରେ ୨୦୧୮ ମସିହାରେ ସର୍ବାଧିକ ସଫଳତା ହାସଲ କରିଥିବା ଯୋରନ୍ଦା ମହିମା ମହାବିଦ୍ୟାଳୟ, ଜିଏମ୍ଆର ଏନର୍ଜି ଲିଃ, ବିଡ଼ିଓ ଭୁବନ ଏବଂ ଦେଉଳସାହି ବଜରଙ୍ଗ କ୍ଲବ୍, ଢେଙ୍କାନାଳକୁ ସିଲଡ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ପ୍ରଥମ, ସୁଲକ୍ଷଣାଦେବୀ ବାଳିକା ବିଦ୍ୟାଳୟ ଦ୍ୱିତୀୟ, ଓ ସେଣ୍ଟ ଜାଭିୟର ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଚଳିତ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ବିଭିନ୍ନ ଯୋଜନାର ଚିତ୍ତାକର୍ଷଣ ପ୍ରଜ୍ଞାପନ ମେଢ଼ ଉପସ୍ଥିତ ଜନସାଧାରଣଙ୍କ ମନରେ ସଚେତନତା ସୃଷ୍ଟି କରିବାସହ ଖୁବ୍ ପ୍ରଶଂସା ଲାଭ କରିଛି । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଇଭିଏମ୍ ଭିଭିପାଟ୍ ସଚେତନତା ରଥ, ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ମୋ ସ୍କୁଲ ଅଭିଯାନ, ଜିଲ୍ଲା ଶୁଶୁ ସୁରକ୍ଷା କାର୍ଯ୍ୟାଳୟର ବିଜୁ କନ୍ୟାରତ୍ନ, ଢେଙ୍କାନାଳ ପୌରପାଳିକାର ଆହାର ଓ ଜାଗା ସଚେତନତା ରଥ, ଜିଲ୍ଲା ପରିବହନ କାର୍ଯ୍ୟାଳୟର ସଡ଼କ ସୁରକ୍ଷା ସଚେତନତା ରଥ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଶ୍ରମ ନିୟମ ଓ ନିର୍ମାଣ ଶ୍ରମିକ ଯୋଜନା ସଚେତନତା ରଥ, ଜିଲ୍ଲା ଜଳ ଓ ପରିମଳ ବିଭାଗର ସ୍ୱଚ୍ଛ ଭାରତ ଅଭିଯାନ, ଆଞ୍ଚଳିକ ଶିଳ୍ପକେନ୍ଦ୍ର ଢେଙ୍କାନାଳର ହସ୍ତ ଓ କୁଟୀର ଶିଳ୍ପ ସଚେତନତା ଦୁଇଟି ରଥ, ଜିଲ୍ଲା କୃଷି ବିଭାଗର କାଳିଆ ଯୋଜନା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଆମ ଗାଁ ଆମ ବିକାଶ, ଓଡ଼ିଶା ଜୀବିକା ମିଶନର ଡ଼ିଡ଼ିୟୁ ଜିକେୱାଇ ଏସ୍ଏଚଜି ସଚେତନତା ରଥ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ୍‌ର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଚେତନତା ରଥ ଇତ୍ୟାଦି ଏହି ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ନିଖିଲ୍ ପୱନ କଲ୍ୟାଣ, ଆରକ୍ଷୀ ଅଧିକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ କୋଦଣ୍ଡଧର ସାହୁ, ଢେଙ୍କାନାଳ ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅତନୁ କୁମାର ସାମନ୍ତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମକର୍ତ୍ତା, ମାନ୍ୟଗଣ୍ୟବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିଗଣ ପ୍ରମୁଖ ଯୋଗ ଦେଇଥିଲେ ।

୭୦ତମ ସାଧାରଣତନ୍ତ୍ର ଦିବସରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସକାଳେ ଗାନ୍ଧିପାର୍କସ୍ଥିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି, ବସଷ୍ଟାଣ୍ଡସ୍ଥିତ ଶହୀଦ୍ ସ୍ତମ୍ଭ, ସିଭିଲ କୋର୍ଟ ଛକସ୍ଥିତ ମଧୁବାବୁ, ଟାଉନ୍ ହଲସ୍ଥିତ ଗୋପବନ୍ଧୁ, ବାଜିଚୌକ୍‌ସ୍ଥିତ ସହୀଦ୍ ସ୍ମୃତି ସ୍ତମ୍ଭ, ଜିଲ୍ଲା କାର୍ଯ୍ୟାଳୟ ସାମ୍ନା ଡ଼ଃ ବି. ଆର. ଆମ୍ବେଦକର ଏବଂ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ରୋଟାରୀ କ୍ଲବ୍ ସହାୟତାରେ ରକ୍ତଦାନ ଶିବିର ଓ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ତରଫରୁ ଫଳ ବଣ୍ଟନ କରାଯାଇଥିଲା । ଢେଙ୍କାନାଳ ଜେଲ୍ କଏଦୀମାନଙ୍କୁ ନାମୀ ଅନୁଷ୍ଠାନ ସୌଜନ୍ୟରୁ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଏହାଛଡ଼ା ଦୃଷ୍ଟିହୀନ-ବଧିର ସ୍ୱତନ୍ତ୍ର ବିଦ୍ୟାଳୟ, ଜରାଶ୍ରମ, ଜୀବନଜ୍ୟୋତି, ଆଦୃତା ଓ ବିଶ୍ୱକୁନ୍ତଳ ଶିଶୁଗୃହର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ରମଣ ବିଜ୍ଞାନ ସଂସଦ, ଢେଙ୍କାନାଳଙ୍କ ଆନୁକୁଲ୍ୟରେ ଗୋପବନ୍ଧୁ ଟାଉନ୍ ହଲଠାରେ ଅଷ୍ଟମଶ୍ରେଣୀରୁ ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜଣା ଅଜଣା

ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ଏଠାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରକିଯୋଗିମାନଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ । ଏହି ଜାତୀୟ ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ-୨୦୧୯ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି ପ୍ୟାରେଡ୍ କାର୍ଯ୍ୟକ୍ରମ ପରେ ପରେ ମିନିଷ୍ଟାଡ଼ିୟମ୍‌ଠାରେ ଉଦ୍‌ଘାଟନ କରିଥିଲେ । ଅପରାହ୍ଣ ୩ଟା ୩୦ମିନିଟ୍ ସମୟରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡ଼ିୟମ୍‌ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କଟକ ଏକାଦଶ ଓ ଢେଙ୍କାନାଳ ଏକାଦଶ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଢେଙ୍କାନାଳ ଏକାଦଶ ବିଜୟ ଲାଭକରି ଚଂପିୟାନ୍ କପ୍ ଓ କଟକ ରନର୍ସ କପ୍ ପୁରସ୍କାର ଲାଭ କରିଥିଲେ ।

ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ୍ ହଲଠାରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ରାଉତ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ସଂଯୋଜକ ଶ୍ରୀ ଅବନୀକାନ୍ତ ମିଶ୍ର ଯୋଗ ଦେଇଥିଲେ ।

********************

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ହେମନ୍ତ କୁମାର ନାୟକ ୨୬/୦୧/୨୦୧୯

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,

ଢେଙ୍କାନାଳ